# India enters G20 Troika

December 01, 2021

## ଭାରତ ଜି20 ଟ୍ରୋଇକାରେ ଯୋଗ ଦେଇଛି

**ଡିସେମ୍ବର 01, 2021**

ଇଣ୍ଡୋନେସିଆ, ଇଟାଲୀ ଏବଂ ଭାରତକୁ ନେଇ ଗଠିତ ଜି20 ଟ୍ରୋଇକାରେ ଭାରତ ଆଜି ଯୋଗ ଦେଇଛି। ଏମାନେ ଯଥାକ୍ରମେ ବର୍ତ୍ତମାନର, ପୂର୍ବ ଏବଂ ପରବର୍ତ୍ତୀ ଜି20 ଟ୍ରୋଇକାର ଅଧ୍ୟକ୍ଷ।

ଆନ୍ତର୍ଜାତିକ ଅର୍ଥନୈତିକ ସହଯୋଗ ପାଇଁ ଜି20 ହେଉଛି ଏକ ପ୍ରମୁଖ ଫୋରମ ଯାହା ପ୍ରତିଫଳିତ କରେ ଯେ ବୈଶ୍ୱିକ ସମୃଦ୍ଧି ପରସ୍ପର ଉପରେ ନିର୍ଭରଶୀଳ ଏବଂ ଆମର ଅର୍ଥନୈତିକ ସୁଯୋଗ ଓ ଆହ୍ୱାନଗୁଡ଼ିକ ପରସ୍ପର ସହିତ ଜଡିତ। ଭବିଷ୍ୟତ ପାଇଁ ଉତ୍ତମ ଭାବେ ପ୍ରସ୍ତୁତି ପାଇଁ ଜି20 ଦେଶଗୁଡିକ ଏକତ୍ରିତ ହୋଇଛନ୍ତି। ଜି20 ର ପ୍ରତିଷ୍ଠାତା ସଦସ୍ୟ ଭାବରେ ଭାରତ ଏହି ମଞ୍ଚକୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ବିଶ୍ୱର ସବୁଠାରୁ ଅସୁରକ୍ଷିତ ଲୋକଙ୍କ ଉପରେ ପ୍ରଭାବ ପକାଉଥିବା ପ୍ରସଙ୍ଗ ଉଠାଇବା ପାଇଁ ବ୍ୟବହାର କରିଛି।

ଇଣ୍ଡୋନେସିଆ ଆଜି ଜି20 ର ଅଧ୍ୟକ୍ଷତା ଗ୍ରହଣ କରିଛି ଏବଂ ବର୍ଷସାରା ବିଭିନ୍ନ ଜି20 ବୈଠକ ଡକାଇବ ଓ 20-31 ଅକ୍ଟୋବର 2022 ରେ "ଏକତ୍ର ପୁନରୁଦ୍ଧାର ମଜବୁତ ପୁନରୁଦ୍ଧାର" ଶୀର୍ଷକ ଜି20 ନେତୃବର୍ଗଙ୍କ ସମ୍ମିଳନୀ ସହିତ ଏହା ସମାପ୍ତ ହେବ। ଟ୍ରୋଇକା ସଦସ୍ୟ ଭାବରେ ଭାରତ ଇଣ୍ଡୋନେସିଆ ଓ ଇଟାଲୀ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବ ଏବଂ ଜି20 ଏଜେଣ୍ଡାର ସ୍ଥିରତା ଓ ନିରନ୍ତରତା ସୁନିଶ୍ଚିତ କରିବ।

ଇଣ୍ଡୋନେସିଆଠାରୁ 1 ଡିସେମ୍ବର 2022 ରେ ଭାରତ ଜି20 ଅଧ୍ୟକ୍ଷ ପଦ ଗ୍ରହଣ କରିବ ଏବଂ 2023 ମସିହାରେ ଭାରତରେ ପ୍ରଥମ ଥର ପାଇଁ ଜି20 ନେତୃବର୍ଗଙ୍କ ସମ୍ମିଳନୀ ଆୟୋଜନ କରିବ।

**ନୂଆଦିଲ୍ଲୀ**

**ଡିସେମ୍ବର 01, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.